# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 04th October - 2025

***********************************

*Desk*

## ଧର୍ମେନ୍ଦ୍ର - ଜି.ଏସ୍.ଟି.

ଜି.ଏସ୍.ଟି. ସଂସ୍କାରଦ୍ୱାରା ସହଜ ଜୀବନ ଯାପନ ଓ ଅର୍ଥନୈତିକ ସଂସ୍କାରର ନୂଆ ଯୁଗ ଆରମ୍ଭ ହୋଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଝାରସୁଗୁଡ଼ାଠାରେ ଜି.ଏସ୍.ଟି. ସଂସ୍କାର ସମ୍ପର୍କିତ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଭାରତ ୪ ଦଶମିକ ୨ ଟ୍ରିଲିୟନ୍ ଆମେରିକୀୟ ଡଲାର ସହ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି । ଦେଶର ଆର୍ଥିକ ଅଭିବୃଦ୍ଧି ୬ ଦଶମିକ ୮ ପ୍ରତିଶତକୁ ବୃଦ୍ଧି ପାଇଛି । ଜି.ଏସ୍.ଟି. ସଂସ୍କାରଦ୍ୱାରା ଲୋକଙ୍କ ସଞ୍ଚୟ ବୃଦ୍ଧି ପାଇବା ସହ ଏହା ଅର୍ଥନୈତିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

*Desk*

## ଜଳଛାୟା

କେନ୍ଦ୍ର ଗ୍ରାମୀଣ ବିକାଶ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଗିରିରାଜ ସିଂହ ଚୌହାନ ଆଭାସୀ ମାଧ୍ୟମରେ ନୂତନ ପିଢ଼ିର ଜଳଛାୟା ବିକାଶ ପ୍ରକଳ୍ପ ଯଥା-

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ଜଳଛାୟା ବିକାଶ ଅଂଶ ଏବଂ ପି.ଏମ୍. ଆବାସ ଯୋଜନାର ସମୀକ୍ଷା କରିଛନ୍ତି । ଏହି ଅବସରରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ସମନ୍ୱିତ ଜଳ ବିଭାଜିକା ପରିଚାଳନା ମାଧ୍ୟମରେ ଜୀବିକା ନିର୍ବାହ ଓ ଜଳ ବିଭାଜିକା ସ୍ଥାୟିତ୍ୱକୁ ପ୍ରୋତ୍ସାହନ ଦେବା ସହ ଓଡ଼ିଶା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ପାଣ୍ଠିର ୮୮ ପ୍ରତିଶତ ପ୍ରଭାବଶାଳୀ ଭାବରେ ଉପଯୋଗ କରିଛି । ଶ୍ରୀ ସିଂହଦେଓ ବୈଠକରେ ଓଡ଼ିଶାପାଇଁ ଆବଶ୍ୟକ ଜଳଛାୟା ବିକାଶ ପ୍ରକଳ୍ପ ଅଧୀନରେ ସମତଳ ଅଞ୍ଚଳରେ ପ୍ରତି ହେକ୍ଟର ୟୁନିଟ୍ ଖର୍ଚ୍ଚକୁ ୨୬ ହଜାରକୁ ବୃଦ୍ଧି ଏବଂ ପାହାଡ଼ିଆ ଅଞ୍ଚଳରେ ଏହା ୩୫ ହଜାରକୁ ବୃଦ୍ଧି କରିବାପାଇଁ ଦାବି ଉପସ୍ଥାପନ କରିଛନ୍ତି ।

***Nuapada/R***

## ସମୀକ୍ଷା ବୈଠକ

ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ନୂଆପଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବୈଠକରେ ମନ୍ତ୍ରୀ ପ୍ରତି ବିଭାଗ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

*Desk, Malkangiri, Nuapada/R*

## ଭସାଣ ଉତ୍ସବ

ରାଜ୍ୟର ବିଭିନ୍ନ ସ୍ଥାନରେ ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଟକ ପୁରୀଘାଟସ୍ଥିତ ଦେବୀଗଡ଼ାଠାରେ ମା' ଦୁର୍ଗାଙ୍କ ପ୍ରତିମାଗୁଡ଼ିକୁ ବିସର୍ଜନ କରାଯାଇଛି । ଭୁବନେଶ୍ୱରରେ ମଧ୍ୟ ଶାନ୍ତିଶୃଙ୍ଖଳାର ସହ ଭସାଣ ଉତ୍ସବ ସମ୍ପନ୍ନ ହୋଇଛି ।

ମାଲକାନଗିରି ଜିଲ୍ଲାର ବିଭିନ୍ନ ଦୁର୍ଗାମଣ୍ଡପ ଓ ଭସାଣ ଉତ୍ସବ ନିମନ୍ତେ ପ୍ରଥମ ଥରପାଇଁ ଶବ୍ଦମୁକ୍ତ ଓ ନିଶାମୁକ୍ତ ଭସାଣ, ଡି.ଜେ.ମୁକ୍ତ ରୋଶଣି, ପଲିଥିନ୍‌ମୁକ୍ତ ଧରଣୀର ବାର୍ତ୍ତାନେଇ ପୂଜାକାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହେବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳରେ ମା' ଦୁର୍ଗାଙ୍କ ଭସାଣ ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି ।

*Puri/R*

## ଗୋଷାଣୀ ପର୍ବ

ପୁରୀରେ ପାରମ୍ପରିକ ଭାବେ ଗୋଷାଣୀ ଦେବୀମାନଙ୍କର ଗୋଷାଣୀ ପର୍ବ ଗତକାଲି ଅନୁଷ୍ଠିତ ହୋଇଯାଇଛି । ପାରମ୍ପରିକ ବାଦ୍ୟରେ ଗୋଷାଣୀ ଦେବୀମାନଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଅଣାଯାଇ ସେଠାରେ ଦେବୀସଭା ଅନୁଷ୍ଠିତ ହୋଇଥିଲା । ବିଧି ଅନୁସାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା

ଧୂପନୀତି ଶେଷ ପରେ ମହାଦୀପ ଉଠାଯାଇଥିଲା । ଏହାପରେ ସମସ୍ତ ଗୋଷାଣୀ ମୂର୍ତ୍ତିଗୁଡ଼ିକୁ ବିସର୍ଜନ ପାଇଁ ନିଆଯାଇଥିଲା । ଶ୍ରୀକ୍ଷେତ୍ରରେ ଥିବା ସାତ ସାହି ୪୨ ଗଳିର ୬୦ରୁ ଅଧିକ ଗୋଷାଣୀ ମୂର୍ତ୍ତି ସହ ନାଗାମୂର୍ତ୍ତି ଦେବସଭାରେ ସାମିଲ୍ ହୋଇଥିଲେ ।

***Nabarangpur/R***

## ଗ୍ରାମସଭା

ନବରଙ୍ଗପୁର ଜିଲ୍ଲାର ୫୩୬ଟି ଗ୍ରାମରେ "ବିକାଶ ଯୋଜନା-୨୦୩୦"କୁ ଗ୍ରାମସଭା ମାଧ୍ୟମରେ ସ୍ୱୀକୃତି ମିଳିଥିବା ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ କହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଜିଲ୍ଲାର ୧୦ଟି ବ୍ଲକ୍‌ର ୫୬୩ଟି ଗ୍ରାମପାଇଁ ୧ ଲକ୍ଷ ୭୮ ହଜାର ୧୯୪ ଜଣ ଜନଜାତିଙ୍କୁ ୬ଟି ମୁଖ୍ୟ ଯୋଜନା ଅନ୍ତର୍ଗତ ବିଭିନ୍ନ ପରିଚୟପତ୍ର ଏବଂ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ନେଇ ସଚେତନତା ସୃଷ୍ଟି କରାଯାଇଥିଲା ।

***Desk***

## ଟ୍ରେନ୍ ଚଳାଚଳ

ବ୍ରହ୍ମପୁରରୁ ସୁରଟ୍‌ର ଉଧନାକୁ ଆସନ୍ତା ୬ ତାରିଖରୁ ନିୟମିତ ଭାବେ ଟ୍ରେନ୍ ଚଳାଚଳ ଆରମ୍ଭ ହେବ । ଏହି ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍

ବ୍ରହ୍ମପୁରରୁ ପ୍ରତି ସୋମବାର ରାତି ୧୧ଟା ୪୫ ମିନିଟ୍‌ରେ ଚଳାଚଳ ଆରମ୍ଭ କରିବ ଏବଂ ବୁଧବାର ଦିନ ସକାଳ ୮ଟା ୪୫ ମିନିଟ୍‌ରେ ଉଧନାରେ ପହଞ୍ଚିବ । ପ୍ରତି ରବିବାର ସକାଳ ୭ଟା ୧୦ ମିନିଟ୍‌ରେ ଉଧନା ଛାଡ଼ିବା ସହ ପ୍ରତି ସୋମବାର ଅପରାହ୍ଣ ଗୋଟାଏ ୫୫ ମିନିଟ୍‌ରେ ବ୍ରହ୍ମପୁରରେ ପହଞ୍ଚିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

***Desk***

# ବନ୍ୟପ୍ରାଣୀ ସପ୍ତାହ

ବନ୍ୟପ୍ରାଣୀଙ୍କ ପ୍ରତି ନିଷ୍ଠୁରତା ରୋକିବା ତଥା ଏନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ପାଳନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବାର୍ତ୍ତାରେ କହିଛନ୍ତି, ଏକ ସନ୍ତୁଳିତ ପରିବେଶ ଏବଂ ଜୈବ ବିବିଧତା ବଜାୟ ରଖିବାପାଇଁ ପ୍ରାଣୀମାନେ ବିଶେଷ ଭୂମିକା ଗ୍ରହଣ କରିଥା’ନ୍ତି । ପ୍ରାଣୀଙ୍କ ପ୍ରତି ସମ୍ବେଦନଶୀଳ ହେବାପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ରାଜ୍ୟରେ ଗତ ୨ ତାରିଖରୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି ।

*Met. O.*

# ପାଣିପାଗ

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି । ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୨ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଜିଲ୍ଲାର ଥୁଆମୂଳ-ରାମପୁରରେ ସର୍ବାଧିକ ୩୫୨ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଥିଲା ।

*****